# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**17 April – 2026**

---

## ସଂସଦ ବିଧେୟକ

ସଂସଦର ତିନିଦିନିଆ ସ୍ୱତନ୍ତ୍ର ଅଧିବେଶନରେ ଗତକାଲି ୩ଟି ଗୁରୁତ୍ୱପୂର୍ଣ୍ଣ ବିଧେୟକ- ସମ୍ବିଧାନର ୧୩୧ତମ ସଂଶୋଧନ ବିଧେୟକ, ସୀମା ନିର୍ଦ୍ଧାରଣ ବିଧେୟକ ଏବଂ କେନ୍ଦ୍ରଶାସିତ ଅଂଚଳ ଆଇନ୍ ସଂଶୋଧନ ବିଧେୟକ ଆଗତ କରାଯିବା ପରେ ଆଲୋଚନା ଜାରି ରହିଛି । ୧୩୧ତମ ସଂଶୋଧନ ବିଲ୍ ମାଧ୍ୟମରେ ଲୋକସଭାର ବର୍ତ୍ତମାନର ସର୍ବାଧିକ ସଦସ୍ୟ ସଂଖ୍ୟା ୫୪୩ରୁ ୮୫୦କୁ ବୃଦ୍ଧି କରିବା ପ୍ରସ୍ତାବ ରହିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ପ୍ରସଙ୍ଗ ଉପରେ ଲୋକସଭାରେ ଯୁକ୍ତି ଉପସ୍ଥାପନ କରି କହିଛନ୍ତି ଏହା ଏକ ସଂସ୍କାରମୂଳକ ପଦକ୍ଷେପ ଏବଂ ୩୩ ପ୍ରତିଶତ ମହିଳା ସଂରକ୍ଷଣ ନାରୀଶକ୍ତି ପାଇଁ ଏକ ଐତିହାସିକ ପଦକ୍ଷେପ ।

ନିର୍ବାଚନ ମଣ୍ଡଳୀର ସୀମା ପୁନଃ ନିର୍ଦ୍ଧାରଣକୁ ନେଇ ବିଭିନ୍ନ ରାଜ୍ୟର ପ୍ରସଙ୍ଗ ଗୁଡ଼ିକୁ ଦୂରୀଭୂତ କରି ଦୃଢ଼ ନିରପକ୍ଷତାର ଆଶ୍ୱାସନା ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି କୌଣସି ରାଜ୍ୟ ପ୍ରତି ଅନ୍ୟାୟ କରାଯିବ ନାହିଁ ।

୨୦୧୧ ଜନଗଣନା ଆଧାରରେ ସୀମା ନିର୍ଦ୍ଧାରଣ ହେବ ଏବଂ ଲୋକସଭା ଆସନ ବଣ୍ଟନ ଉପରେ ଥିବା ପୂର୍ବ ପ୍ରତିବନ୍ଧକକୁ ଦୂର କରାଯିବ ।

**V/O**

ଲୋକସଭାରେ ଆଜି ଅପରାହ୍ଣରେ ମହିଳା ସଂରକ୍ଷଣ ଏବଂ ସୀମା ପୁନଃନିର୍ଦ୍ଧାରଣ ବିଲ୍ ଉପରେ ଭୋଟ୍ ହେବାର କାର୍ଯ୍ୟକ୍ରମ ରହିଛି । ଏହି ବିଧେୟକ ପାରିତ ହେଲେ ୨୦୨୯ ମସିହା ସାଧାରଣ ନିର୍ବାଚନରେ ପ୍ରଥମଥର ପାଇଁ ମହିଳାମାନେ ନିର୍ବାଚନରେ ୩୩ ପ୍ରତିଶତ ସଂରକ୍ଷଣ ସୁବିଧା ପାଇବେ ।

# ଜନଗଣନା

ରାଜ୍ୟରେ ସ୍ୱ-ଜନଗଣନା ପରେ ଗତକାଲିଠାରୁ ଜନଗଣନା କାମରେ ନିୟୋଜିତ କର୍ମୀମାନେ ଘରକୁଘର ଯାଇ ଘର ନମ୍ବର ଜାରି ରଖିଛନ୍ତି ଏବଂ ୩୩ଟି ବିଷୟ ଉପରେ ତଥ୍ୟ ସଂଗ୍ରହ ପ୍ରକ୍ରିୟା ଆରମ୍ଭ କରିଛନ୍ତି । ଆସନ୍ତା ମଇ ମାସ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଜନଗଣନା କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିବା ପାଇଁ ୯୦ହଜାରରୁ ଅଧିକ ଜନଗଣନା ଅଧିକାରୀ ଏବଂ ୧୫ହଜାରରୁ ଅଧିକ ସୁପରଭାଇଜର ନିଯୁକ୍ତି ହୋଇଛନ୍ତି ।

# ସମୀକ୍ଷା ବୈଠକ

ମୁଖ୍ୟଶାସନ ସଚିବ ଅନୁ ଗର୍ଗଙ୍କ ସହିତ ରାଜ୍ୟର ସମସ୍ତ ଜିଲ୍ଲାପାଳମାନଙ୍କର ଏକ ବୈଠକ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ସିଏମ୍-ସମ୍ପଦା ଏବଂ ସାମାଜିକ କ୍ଷେତ୍ରରେ ପ୍ରଗତି ତଦାରଖ ବ୍ୟବସ୍ଥା ‘ପ୍ରୟାସ’ର କାର୍ଯ୍ୟକାରୀତା ନେଇ ଆଲୋଚନା କରାଯାଇଥିଲା । ରାଜ୍ୟ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ ପକ୍ଷରୁ ରାଜ୍ୟରେ ୭ମ କ୍ଷୁଦ୍ର ଜଳସେଚନ ଗଣନା, ଦ୍ୱିତୀୟ ଜଳାଶୟ ଗଣନା, ପ୍ରଥମ ବୃହତ୍ ଓ ମଧ୍ୟମ ଜଳସେଚନ ପ୍ରକଳ୍ପ ଗଣନା ଏବଂ ପ୍ରଥମ ଝରଣା ଗଣନା ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା ।

# ଆଦର୍ଶ ବିଦ୍ୟାଳୟ-ବୋର୍ଡ ପରୀକ୍ଷା

ସିବିଏସ୍‌ଇ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାର ଓଡ଼ିଶାର ଏକଲବ୍ୟ ଆବାସିକ ଆଦର୍ଶ ବିଦ୍ୟାଳୟ ଉଲ୍ଲେଖନୀୟ ସଫଳତା ହାସଲ କରିଛି । ଚଳିତବର୍ଷ ପାସ୍‌ହାର ୯୬ ଦଶମିକ ୪/୫ ପ୍ରତିଶତକୁ ବୃଦ୍ଧି ପାଇଛି । ଗତବର୍ଷ ପାସ୍ ହାର ୯୩ ଦଶମିକ ୦/୭ ପ୍ରତିଶତ ଥିଲା । ୨୭ଟି ଶିକ୍ଷାନୁଷ୍ଠାନରୁ ମୋଟ୍ ୧ହଜାର ୪୬୬ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ ।

## ବୁଝାମଣାପତ୍ର ସ୍ୱାକ୍ଷର

ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ଓ ତା’ର ଆଖପାଖ ଅଞ୍ଚଳରେ ଲୋକମାନଙ୍କୁ ଭୁବନେଶ୍ୱର ଏମ୍ସ ସହାୟତାରେ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବ । ଏଥିପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗଙ୍କ ଉପସ୍ଥିତିରେ ଭୁବନେଶ୍ୱର ଏମ୍ସ ଏବଂ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମଧ୍ୟରେ ଏକ ବୁଝାମଣାପତ୍ର ଗତକାଲି ସ୍ୱାକ୍ଷରିତ ହୋଇଛି । ଏହାଦ୍ୱାରା ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟରେ ଏକଶହ ଶଯ୍ୟା ବିଶିଷ୍ଟ ନୂତନ ହସ୍ପିଟାଲ ନିର୍ମାଣରେ ଭୁବନେଶ୍ୱର ଏମ୍ସ ସହାୟତା ଯୋଗାଇବ । ରାଇରଙ୍ଗପୁର ସମେତ କେନ୍ଦୁଝର ଓ ଆଖପାଖ ଜିଲ୍ଲାର ଅଧିବାସୀମାନେ ଏହାଦ୍ୱାରା ଉପକୃତ ହୋଇପାରିବେ ବୋଲି ମନ୍ତ୍ରୀ ଡକ୍ଟର ମହାଲିଙ୍ଗ କହିଛନ୍ତି ।

## କ୍ରୀଡ଼ା ପ୍ରତିଯୋଗିତା

ନବରଙ୍ଗପୁର ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା କ୍ରୀଡ଼ା ସଂଘର ମିଳିତ ଆନୁକୂଲ୍ୟରେ ନବରଙ୍ଗପୁର ଷ୍ଟାଡିୟମଠାରେ ରାଜ୍ୟସ୍ତରୀୟ ୧୪ ଏବଂ ୧୬ବର୍ଷରୁ କମ୍ ମୁଖ୍ୟମନ୍ତ୍ରୀ କପ୍ ଭଲିବଲ, କବାଡି, ଫୁଟବଲ ଏବଂ ଖୋଖୋ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି । ଟୁର୍ଣ୍ଣାମେଣ୍ଟକୁ ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ ଗତକାଲି ଉଦ୍‌ଘାଟନ କରିଛନ୍ତି ।

ପ୍ରତିଯୋଗିତାରେ ଜିଲ୍ଲାର ଉଭୟ ବରିଷ୍ଠ ଏବଂ କନିଷ୍ଠ ବର୍ଗର ୧୦ଟି ବାଳକ ଓ ୬ଟି ବାଳିକା ଦଳ ଅଂଶଗ୍ରହଣ କରିଛନ୍ତି ।

## ବିଶ୍ୱ ହେମୋଫିଲିଆ ଦିବସ

ବିଶ୍ୱ ହେମୋଫିଲିଆ ଦିବସ ଆଜି ପାଳନ କରାଯାଉଛି। ଚଳିତବର୍ଷର ପ୍ରସଙ୍ଗ ରହିଛି 'ନିଦାନ : ଯତ୍ନ ପାଇଁ ପ୍ରଥମ ପଦକ୍ଷେପ' । ଏହି ରୋଗରେ ଆକ୍ରାନ୍ତ ବ୍ୟକ୍ତିଙ୍କ ଶରୀରର କୌଣସି ସ୍ଥାନରୁ ରକ୍ତକ୍ଷରଣ ହେଲେ ତାହା ସହଜରେ ବନ୍ଦ ହୋଇନଥାଏ। ସମଗ୍ର ବିଶ୍ୱବାସୀଙ୍କୁ ଏହି ରୋଗ ସମ୍ପର୍କରେ ସଚେତନ କରିବା ନିମନ୍ତେ ଏପ୍ରିଲ ୧୭ ତାରିଖକୁ ବିଶ୍ୱ ହେମୋଫିଲିଆ ଦିବସ ଭାବେ ପାଳନ କରାଯାଉଛି। ୧୯୮୯ ମସିହା ଏପ୍ରିଲ ୧୭ ତାରିଖରେ ପ୍ରଥମଥର ପାଇଁ ବିଶ୍ୱ ହେମୋଫିଲିଆ ମହାସଂଘର ପ୍ରତିଷ୍ଠାତା ଫ୍ରାଙ୍କ୍ ସ୍ନାବେଲଙ୍କ ଜନ୍ମଦିନକୁ ସମ୍ମାନ ଜଣାଇ ଏହି ଦିବସର ପରିକଳ୍ପନା କରାଯାଇଥିଲା। ହେମୋଫିଲିଆ ଏକ ବଂଶାନୁକ୍ରମିକ ରକ୍ତସ୍ରାବ ବିଶୃଙ୍ଖଳା, ଯାହାଦ୍ୱାରା ରକ୍ତଜମାଟ ବାନ୍ଧୁଥିବା କାରକର ତ୍ରୁଟି ଯୋଗୁଁ ହୋଇଥାଏ। ଏକ ଅନୁଧ୍ୟାନ ରିପୋର୍ଟରୁ ଜଣାପଡ଼ିଛି, ପ୍ରତି ୨୦ ହଜାର ବ୍ୟକ୍ତିଙ୍କ ମଧ୍ୟରେ ତିନିଜଣ ହେମୋଫିଲିଆରେ ଆକ୍ରାନ୍ତ ହୋଇଥାନ୍ତି।

## ପାଣିପାଗ

ରାଜ୍ୟରେ ତାପମାତ୍ରା ବୃଦ୍ଧି ପାଉଛି । ପଶ୍ଚିମଭାଗ ଜିଲ୍ଲା ଗୁଡ଼ିକରେ ଉତ୍ତାପର ପରିମାଣ ଅଧିକ ରହୁଛି । ଟିଟିଲାଗଡର ତାପମାତ୍ରା ଗତକାଲି

୪୩ ଦଶମିକ ୭ ଡିଗ୍ରୀ ଏବଂ ଝାରସୁଗୁଡା ୪୩ ଦଶମିକ ୬ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିଲା । ପାଣିପାଗ ବିଭାଗର ସୂଚନା ଅନୁସାରେ ଆସନ୍ତା ୨ ଦିନ ମଧ୍ୟରେ ଦିନର ତାପମାତ୍ରା ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ । ଅନ୍ୟପକ୍ଷରେ ଗ୍ରୀଷ୍ମପ୍ରବାହ ବୃଦ୍ଧି ପାଉଥିବାରୁ ସ୍ୱତନ୍ତ୍ର ରିଲିଫ କମିଶନର ଏବଂ ଜିଲ୍ଲାପାଳ ମାନଙ୍କ ହିଟ୍‌ୱେଭ ସମୀକ୍ଷା ପରେ ସରକାର ଖରାଛୁଟି ସମ୍ପର୍କରେ ନିଷ୍ପତ୍ତି ନେବେ ବୋଲି ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି ।